# NATIONAL NEWS BULLETIN (ODIA)

**29 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଶ୍ୱକୁ ଭାରତର ପ୍ରାଚୀନ ସଭ୍ୟତା ଏବଂ ଅନ୍ତର୍ଭୁକ୍ତିମୂଳକ ଭାବନାର ମୂଲ୍ୟ ଦେଖାଇଛି ଭାରତ, କହିଲେ ଉପରାଷ୍ଟ୍ରପତି
- ଆରାବଳି ପର୍ବତମାଳା ନେଇ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କଲେ ସୁପ୍ରିମକୋର୍ଟ
- ଜାମ୍ସେଦପୁରସ୍ଥିତ କରାଣ୍ଡିହ ଅଞ୍ଚଳରେ ସାନ୍ତାଳିଭାଷା ଅଲିଚିକ୍ ଲିପିର ଶତବାର୍ଷିକ ଉଦ୍‌ଯାପନୀ ସମାରୋହ ଆରମ୍ଭ

ଏବଂ

- ବିକଶିତ ଭାରତ ଜିରାମଜି ଆଇନ ରାଜ୍ୟଗୁଡ଼ିକୁ ଲାଭାନ୍ୱିତ କରିବ ବୋଲି ଷ୍ଟେଟବ୍ୟାଙ୍କର ରିପୋର୍ଟ

## ଭିପି-ପୁଡୁଚେରୀ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି, ପୁଡୁଚେରୀ କେବଳ ଏକ ଆତ୍ମସ୍ୱାଭିମାନର ସହର ନୁହେଁ, ବରଂ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱକୁ ଭାରତର ପ୍ରାଚୀନ ସଭ୍ୟତା ଏବଂ ସଦିଚ୍ଛା ଓ ଅନ୍ତର୍ଭୁକ୍ତୀମୂଳକ ଭାବନାର ମୂଲ୍ୟ ଦେଖାଇ ଆସିଛି । ଉପରାଷ୍ଟ୍ରପତି ଭାବେ ପ୍ରଥମଥର ଲାଗି ପୁଡୁଚେରୀ ଗସ୍ତ କରିବା ଅବସରରେ ଉପରାଷ୍ଟ୍ରପତି ଏହା କହିଛନ୍ତି ।

ସେ କହିଛନ୍ତି, ପୁଡୁଚେରୀ ଅତ୍ୟନ୍ତ ସତର୍କ ଭାବରେ ଏହାର ସାଂସ୍କୃତିକ ବଳିଷ୍ଠତାକୁ ବଜାୟ ରଖିବାରେ ସକ୍ଷମ ହୋଇଛି । ସୁବ୍ରମଣ୍ୟମ୍ ଭରତୀୟାର, ଭିଭିଏସ୍ ଆୟର ଏବଂ ଭାରତୀ ଦଶନଙ୍କ ଭଳି କବି ଏବଂ ଚିନ୍ତାନାୟକ ପୁଡୁଚେରୀର ସାଂସ୍କୃତିକ ମୂଲ୍ୟବୋଧକୁ ପରିପୁଷ୍ଟ କରିଛନ୍ତି । ସେ କହିଛନ୍ତି, ଏହି କେନ୍ଦ୍ରଶାସିତ ଅଞ୍ଚଳ ନିଜର ସ୍ୱତନ୍ତ୍ର ପରିଚୟ ରକ୍ଷା କରି ପ୍ରତ୍ୟେକ ବର୍ଗର ଲୋକଙ୍କୁ ଆପଣେଇ ନେଇଛି । ସହରାଞ୍ଚଳ ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସ୍ମରଣ କରି ଉପରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତାମିଲ୍, ତାମିଲନାଡୁ ଏବଂ ପୁଡୁଚେରୀ ଦୃଷ୍ଟିକୋଣକୁ ସାକାର କରିବାକୁ ଯାଇ ସ୍ମାର୍ଟସିଟି ଅଭିଯାନ ଅଧୀନରେ ଅନେକ ବୃହତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ।

ପ୍ରଥମଥର ପାଇଁ ପୁଡୁଚେରୀ ଗସ୍ତ କରିଛନ୍ତି । ପୁଡୁଚେରୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର କେ.କୈଳାସନାଥନ୍, ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସାମୀ, ବିଧାନସଭା ବାଚସ୍ପତି ଆର୍.ସେଲ୍ଭାମ, ମନ୍ତ୍ରୀବୃନ୍ଦ, ସଂସଦ ସଦସ୍ୟ ଏବଂ ବିଧାନସଭାର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି । କୁମାର ଗୁରୁ ପଲ୍ଲବମ୍‌ରେ ସ୍ମାର୍ଟସିଟି ଯୋଜନାର ବିଭିନ୍ନ ଲାଭାର୍ଥୀମାନଙ୍କୁ ଉପରାଷ୍ଟ୍ରପତି ବାସଗୃହ ଚାବି ବଣ୍ଟନ କରିଛନ୍ତି ।

ଏହି ଅବସରରେ ଅଭିଭାଷଣ ପ୍ରଦାନ କରି ଲେଫ୍ଟନାଣ୍ଟ ଗଭର୍ଣ୍ଣର କେ.କୈଳାସନାଥନ୍ କହିଛନ୍ତି ଯେ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନଙ୍କୁ ଯୁବପିଢ଼ି ଆଦର୍ଶ ଭାବେ ଦେଖନ୍ତି । ଶ୍ରୀ ରାଧାକ୍ରିଷ୍ଣନ ଭାରତୀୟ ଗଣତନ୍ତ୍ର ପାଇଁ ଭଲ କାମ କରିବେ ବୋଲି କେ.କୈଳାସନାଥନ ଆଶା ପ୍ରକାଶ କରିଛନ୍ତି । ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସାମୀ

କହିଛନ୍ତି ଯେ, ଉପରାଷ୍ଟ୍ରପତି ପୁଡୁଚେରୀର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଛନ୍ତି । ବିଶେଷକରି କେନ୍ଦ୍ରଶାସିତ ଅଞ୍ଚଳର ପ୍ରଗତିକୁ ଆଗେଇ ନେବାରେ ତାଙ୍କର ଭୂମିକା ଅନନ୍ୟ ଅଟେ । ପରେ ଉପରାଷ୍ଟ୍ରପତି ସ୍ମାର୍ଟସିଟି ଅଧୀନରେ କୁମାରଗୁରୁ ପଲମ୍ ଅଞ୍ଚଳରେ ଲାଭାର୍ଥୀମାନଙ୍କ ପାଇଁ ନିର୍ମିତ ବାସଗୃହ ପ୍ରକଳ୍ପ ବୁଲି ଦେଖିବା ସହ କଥା ହୋଇଥିଲେ ।

# ଏସ୍‌ସି-ଆରାବଳି

ଆରାବଳି ପର୍ବତମାଳା ନେଇ ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଗତମାସ ୨୦ ତାରିଖରେ ଦେଇଥିବା ନିଜର ନିର୍ଦ୍ଦେଶ ଉପରେ ଆଜି ରହିତାଦେଶ ଜାରି କରିଛନ୍ତି । ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଓ ଏ.ଜି.ମାସିହଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏକ ନୂଆ ବିଶେଷଜ୍ଞ କମିଟି ଗଠନ କରି ଆରାବଳି ପର୍ବତର ପୁନର୍ବାର ସଂଜ୍ଞା ନିରୂପଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି, ପୂର୍ବରୁ ଆରାବଳି ପର୍ବତମାଳା ସଂପର୍କରେ କୋର୍ଟ ଯେଉଁ ସଂଜ୍ଞା ନିର୍ଦ୍ଧାରଣ କରିଥିଲେ, ତାହା ଉପରେ ଅଧିକ ସ୍ପଷ୍ଟୋକ୍ତି ଆବଶ୍ୟକ କରି  କୋର୍ଟ ଅଧିକ ସୂଚନା ଆବଶ୍ୟକ କରୁଛନ୍ତି। ଏ ସଂପର୍କରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଏବଂ ହରିଆଣାକୁ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ନେଇ ସମାଜର ବିଭିନ୍ନ ସ୍ତରରେ ସମାଲୋଚନା ହେବା ପରେ ନିଜଆଡୁ ଏହିଘଟଣାକୁ ବିଚାରକୁ ଗ୍ରହଣ କରି ଆଜି ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି । ଗତ ୨୪

ତାରିଖରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆରାବଳି ପର୍ବତରେ ନୂତନ ଖନନ ବନ୍ଦ କରିବା ନେଇ ନିର୍ଦ୍ଦେଶ ଦେଇଥିଲେ ।

## ପ୍ରେଜ୍-ଜାମସେଦପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବ ସିଂହଭୂମ ଜିଲ୍ଲାର ଜାମସେଦପୁରସ୍ଥିତ କରାଣ୍ଡିହ ଅଞ୍ଚଳରେ ସାନ୍ତାଳୀ ଭାଷା ଅଲ୍‌ଚିକି  ଲିପିର ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହକୁ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଜାହେର୍ଥନରେ ଅଲ୍‌ଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ଏସ୍‌ସି-ସେନଗର

ସୁପ୍ରିମକୋର୍ଟ ଆଜି ନିଲମ୍ବିତ ବିଜେପି ନେତା କୁଲଦୀପ ସେନ୍‌ଗର୍‌ଙ୍କ ଆଜୀବନ କାରାଦଣ୍ଡ ଉପରେ ରହିତାଦେଶ ଜାରି ନେଇ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିଛନ୍ତି । ୨୦୧୭ ମସିହାରେ ଉନ୍ନାଓ ଦୁଷ୍କର୍ମ ମାମଲାରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ଏ.ଜି. ମାସିହଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଅଭିଯୁକ୍ତ ସେନଗରଙ୍କୁ ନୋଟିସ୍ ଜାରି କରିଛନ୍ତି । ନିର୍ଦ୍ଦେଶନାମାରେ ଚଳିତମାସ ୨୩ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରାଯାଇଥିବା ବେଳେ ସେନଗରଙ୍କୁ ମୁକ୍ତ ନ କରିବାକୁ କୋର୍ଟ କହିଛନ୍ତି ।

# ବିକଶିତ ଭାରତ-ଜିରାମଜି ଆକ୍ଟ

ବିକଶିତ ଭାରତ ଜି.ରାମ.ଜି. ଆଇନ ବହୁତଗୁଡ଼ିଏ ରାଜ୍ୟକୁ ଗତ ୭ ବର୍ଷରେ ଆବଣ୍ଟିତ ଅର୍ଥ ତୁଳନାରେ ଏବେ ୧୭ ହଜାର କୋଟି ଟଙ୍କାର ଆବଣ୍ଟନରେ ଲାଭାନ୍ୱିତ କରିବ । ୨୦ ବର୍ଷ ତଳର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ନିୟମ ପରିବର୍ତ୍ତେ ଏହି ନୂଆ ଆଇନ କାର୍ଯ୍ୟକାରୀ ହେବ । ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଦ୍ୱାରା ପ୍ରକାଶିତ ଏକ ଗବେଷଣାଭିତ୍ତିକ ରିପୋର୍ଟ ଅନୁଯାୟୀ, ଏଥିରେ ରାଜ୍ୟଗୁଡ଼ିକୁ ଆବଣ୍ଟନ କରାଯାଉଥିବା ଅର୍ଥରାଶି ବୃଦ୍ଧି ପାଇବ ।

ରିପୋର୍ଟ ଅନୁଯାୟୀ, ମନରେଗା ତୁଳନାରେ ବିକଶିତ ଭାରତ ଜି.ରାମ.ଜି. ଯୋଜନାର ଢ଼ାଞ୍ଚାରେ ପରିବର୍ତ୍ତନମୂଳକ ସ୍ୱଚ୍ଛତାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ପ୍ରକଳ୍ପ ଚିହ୍ନଟ କରିବା, ଆୟ ସୃଷ୍ଟି କରିବା ଏବଂ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଭଳି ପ୍ରକ୍ରିୟା ଏହି ଆଇନରେ ରହିଛି । ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ସୌମ୍ୟକାନ୍ତି ଘୋଷ କହିଛନ୍ତି, ଏହି ଆଇନ ଦ୍ୱାରା ଢ଼ାଞ୍ଚାଗତ ଦୁର୍ବଳତାକୁ ଚିହ୍ନଟ କରାଯାଇ କର୍ମନିଯୁକ୍ତି ସୃଷ୍ଟି, ସ୍ୱଚ୍ଛତା, ଯୋଜନା ଏବଂ ଉତ୍ତରଦାୟିତ୍ୱକୁ ପ୍ରତ୍ୟେକ ପର୍ଯ୍ୟାୟରେ ଦୃଢ଼ କରାଯାଇଛି ।

ସଦ୍ୟ ସମାପ୍ତ ସଂସଦର ଶୀତକାଳୀନ ଅଧିବେଶନରେ ଏହି ନୂଆ ବିଧେୟକ ପାରିତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ଯୋଜନାରେ ଶହେଦିନ ପରିବର୍ତ୍ତେ ଗ୍ରାମୀଣ ପରିବାରଗୁଡ଼ିକୁ ୧୨୫ ଦିନର କର୍ମନିଯୁକ୍ତି ମିଳିପାରିବ ।

# ଇୟର ଏଣ୍ଡର ଡିଫେନ୍ସ

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗୀତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଚଳିତବର୍ଷ ଘଟିଥିବା ବିକାଶ ସମ୍ପର୍କରେ ।

ଦେଶର ଜାତୀୟ ସୁରକ୍ଷା କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଚଳିତବର୍ଷ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛି । ଆତଙ୍କବାଦର ମୂଳୋତ୍ପାଟନ ଲାଗି କେନ୍ଦ୍ର ସରକାର ଚଳିତବର୍ଷ ପଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ । ଏଥିରେ ଆତଙ୍କୀ ଆକ୍ରମଣର ଦୃଢ଼ ମୁକାବିଲା, ଶୂନ୍ୟ ସହନଶୀଳତା, ଆତଙ୍କବାଦୀ ଏବଂ ସେମାନଙ୍କ ପଛରେ ରହିଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା, ଯେକୌଣସି ପ୍ରକାର ଆଲୋଚନାରେ ଆତଙ୍କବାଦକୁ ପ୍ରାଥମିକତା ଏବଂ ଦେଶର ଏକତା ଦିଗରେ କୌଣସି ସାଲିସ୍ ନ କରିବା ଭଳି କାର୍ଯ୍ୟକ୍ରମ ଉପରେ ସରକାର ଗୁରୁତ୍ୱ ଦେଇ ଆସିଥିଲେ । **V/O (PM-1)**

ଅପରେସନ ସିନ୍ଦୂର ଅଭିଯାନ ଜରିଆରେ ଭାରତ ତା'ର ପ୍ରତିରକ୍ଷା ଦୃଢ଼ତା ପ୍ରମାଣିତ କରିଥିଲା । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପ୍ରାୟ ପାଞ୍ଚଦଶନ୍ଧି ପରେ ଭାରତ ଚଳିତବର୍ଷ ମେ ୭ ତାରିଖରେ ପାକିସ୍ତାନ ବିରୁଦ୍ଧରେ ସାମରିକ ପଦକ୍ଷେପ ନେବା ଆରମ୍ଭ କରିଥିଲା । ଏଥିରେ ଭାରତୀୟ ସୁରକ୍ଷା ବଳ ପାକିସ୍ତାନ ସୀମାରେଖା ଭିତରେ ପ୍ରବେଶ କରି ଆତଙ୍କବାଦୀଙ୍କ ଶହେଟି ଆଡ୍ଡାସ୍ଥଳକୁ ଧ୍ୱଂସ କରିଦେଇଥିଲା । ମଇମାସ ୧୦ ତାରିଖରେ ପାକିସ୍ତାନର ପ୍ରାୟ ୧୦ଟି ବାୟୁସେନା ଘାଟିକୁ ନଷ୍ଟ କରାଯିବା ସହିତ ପାକିସ୍ତାନ ଦ୍ୱାରା ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରକୁ ଭାରତୀୟ

ସେନା ଅକାମୀ କରିଦେଇଥିଲା । ଅନ୍ୟପକ୍ଷରେ ଭାରତର କ୍ଷେପଣାସ୍ତ୍ରଗୁଡ଼ିକୁ ପାକିସ୍ତାନ ସେନା ଠାବ କରିବାରେ ବିଫଳ ହୋଇଥିଲା । ସ୍ୱଦେଶୀ ନିର୍ମିତ ଅସ୍ତ୍ରଶସ୍ତ୍ରର ସଫଳତାକୁ ନେଇ ସାରା ବିଶ୍ୱ ଚକିତ ହୋଇଯାଇଥିଲା । ବ୍ରହ୍ମୋସ ସୁପରସୋନିକ୍ କ୍ଷେପଣାସ୍ତ୍ର, ରାଫେଲ ଯୁଦ୍ଧ ବିମାନ ଏବଂ ଭାରତ ନିର୍ମିତ ଡ୍ରୋନ୍ ଗୁଡ଼ିକ ସୂକ୍ଷ୍ମ ସମନ୍ୱୟରେ ସଫଳତାର ସହ କାର୍ଯ୍ୟ କରିଥିଲେ ।

**V/O (PM-2)**

ଦେଶର ପ୍ରତିରକ୍ଷା ଉତ୍ପାଦନ ୧ଲକ୍ଷ ୫୪ ହଜାର କୋଟି ଟଙ୍କା ଅତିକ୍ରମ କରିଥିବା ବେଳେ ୨୦୨୫-୨୬ ବଜେଟ୍‌ରେ ପ୍ରତିରକ୍ଷା ନିମନ୍ତେ ୬ଲକ୍ଷ ୮୧ ହଜାର କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଛି । ଚଳିତବର୍ଷ ଦେଶର ପ୍ରତିରକ୍ଷା କ୍ଷେତ୍ର ୪ଲକ୍ଷ ୩୦ ହଜାର କୋଟିରୁ ଅଧିକ ଟଙ୍କାର ହେଲିକପ୍ଟର, ରାଫେଲ୍-ଏମ୍ ଜେଟ୍ ବିମାନ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଚଳିତବର୍ଷ ମଧ୍ୟ ବିଭିନ୍ନ ପ୍ରକାରର ଯୁଦ୍ଧ ଜାହାଜଗୁଡ଼ିକୁ ସେନାବାହିନୀରେ ସାମିଲ କରାଯିବା ସହ ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର ଓ ଭାରତ ନିର୍ମିତ ଏକେ-୨୦୩ ରାଇଫଲ୍ ଯୋଗାଇ ଦିଆଯାଇଛି ।

ଇତିମଧ୍ୟରେ ଉତ୍ତରପ୍ରଦେଶ ଓ ତାମିଲନାଡୁରେ ପ୍ରତିରକ୍ଷା ଶିଳ୍ପ କରିଡର ସ୍ଥାପନ କରାଯାଇ ୯ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ଆମନ୍ତ୍ରଣ କରାଯାଇଛି । ଇତିମଧ୍ୟରେ ୨୮୯ଟି ବୁଝାଣାପତ୍ର ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ୬୬ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ରପ୍ତାନୀ ସ୍ଥାନ ପାଇଛି । ଦେଶକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରି ବିଶ୍ୱରେ ଭାରତର ପ୍ରତିରକ୍ଷାକୁ ଶିଖରକୁ ନେବା ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରି ରହିଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବିକଶିତ ଭାରତ ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ୍ ଗ୍ରାମୀଣ ଆଇନ୍ ୨୦୨୫** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରୋହିଣୀ ରାମଦାସ ଭାଜି-ଭାକା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ଏହି ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ମଧ୍ୟ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।